# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 21st April - 2024
### News Editor : *Tapan Kumar Moharana*
*********************************

***BBSR/R***

## ନାମାଙ୍କନ ଦାଖଲ

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ନାମାଙ୍କନ ଦାଖଲ ପ୍ରକ୍ରିୟାରେ ଗତାକାଲି ସୁଦ୍ଧା ମୋଟ୍ ୩୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେଥିମଧ୍ୟରେ ବିଧାନସଭାପାଇଁ ୨୭ ଜଣ ଏବଂ ଲୋକସଭା ପାଇଁ ୮ ଜଣ ଅଛନ୍ତି । କେବଳ ଗତକାଲି ଲୋକସଭା ଆସନ ପାଇଁ ୪ ଜଣ ଏବଂ ବିଧାନସଭା ଆସନ ପାଇଁ ୧୬ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡ଼ିଛି । ଆସନ୍ତା ୨୫ ତାରିଖ ହେଉଛି ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ ରହିଛି ।

***BBSR/R***

## କଂଗ୍ରେସ - ପ୍ରାର୍ଥୀ ତାଲିକା

କଂଗ୍ରେସ ପକ୍ଷରୁ ରାଜ୍ୟର ୩ଟି ଲୋକସଭା ଏବଂ ୧୬ଟି ବିଧାନସଭା ଆସନପାଇଁ ଆଉ ଏକ ପ୍ରାର୍ଥୀତାଲିକା ଘୋଷଣା କରାଯାଇଛି । ଲୋକସଭା

ଆସନଗୁଡିକ ମଧ୍ୟରେ ସମ୍ବଲପୁରରେ ଦୁଲାଲ ଚନ୍ଦ୍ର ପ୍ରଧାନ, ଆସିକାରୁ ଦେବକାନ୍ତ ଶର୍ମାଙ୍କୁ ପ୍ରାର୍ଥୀ କରାଯାଇଛି । ତେବେ କେନ୍ଦୁଝର ଲୋକସଭା ଆସନ ପାଇଁ ଦଳପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଥିବା ମୋହନ ହେମ୍ବ୍ରମ୍ଙ୍କ ପ୍ରାର୍ଥୀତ୍ୱକୁ ପରିବର୍ତ୍ତନ କରାଯାଇ ବିନୋଦ ନାଏକଙ୍କୁ ମନୋନୟନ କରାଯାଇଛି । ସେହିଭଳି ଘୋଷିତ ହୋଇଥିବା ୧୬ଟି ବିଧାନସଭା ପାର୍ଥୀଙ୍କ ମଧ୍ୟରେ ୩ ଜଣଙ୍କୁ ପରିବର୍ତ୍ତନ କରାଯାଇଛି । ଦଳପକ୍ଷରୁ ଏପର୍ଯ୍ୟନ୍ତ କଟକ ଏବଂ ମୟୂରଭଞ୍ଜକୁ ଛାଡ଼ି ଅନ୍ୟ ଲୋକସଭା ଆସନଗୁଡ଼ିକାପାଇଁ ଦଳୀୟ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଛି । ସେହିଭଳି ଆଉ ୯ଟି ବିଧାନସଭା ଆସନ ପାଇଁ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ବାକି ରହିଛି ।

***Sundargarh/R***

# ଭୋଟର୍ ସଚେତନତା

ଭୋଟର ତାଲିକାରେ ପଞ୍ଜିକୃତ ହୋଇଥିବା ନୂତନ ମତଦାତାଙ୍କୁ ଉତ୍ସାହିତ କରିବା ନେଇ ରାଉରକେଲା ଏବଂ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ମହାବିଦ୍ୟାଳୟରେ ଭୋଟର୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଛାତ୍ରଛାତ୍ରୀମାନେ ଗଣତନ୍ତ୍ରର ପରମ୍ପରା ବଜାୟ ରଖିବା ଏବଂ ନିଜର ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଶପଥପାଠ କରିଥିଲେ । ଏହି ଉପଲକ୍ଷେ ଏକ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ସେହିଭଳି ସୁନ୍ଦରଗଡ଼ ଜିଲ୍ଲାରେ ଭୋଟର୍ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଏକ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଛି । ସୁନ୍ଦରଗଡ଼ ପୌରପାଳିକାର ୩୭ଟି ୱାର୍ଡ଼ରେ ଏହି ରଥ ପରିକ୍ରମା କରିବ ।

***Nuapada/R***

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ନିର୍ବାଚନ ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଉପସ୍ଥିତ ରହି ଖର୍ଚ୍ଚ ସଂକ୍ରାନ୍ତ ତଥ୍ୟ ଏବଂ ଆବଶ୍ୟକ ପଦକ୍ଷେପ ଉପରେ ବିଭାଗୀୟ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ ।

***Dhenkanal/R***

# ନିର୍ବାଚନୀ ବୈଠକ

ଢେଙ୍କାନାଳ ଲୋକସଭା ଏବଂ ଏହା ଅନ୍ତର୍ଗତ ୪ଟି ବିଧାନସଭା ଆସନପାଇଁ ହେବାକୁ ଥିବା ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ଲକ୍ଷ୍ୟରେ ଗତକାଲି ଏକ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ କଡ଼ାକଡ଼ି ଭାବେ ପାଳନ

କରିବାକୁ ପରାମର୍ଶ ଦିଆଯାଇଛି । ନାମାଙ୍କନ ପତ୍ର ଦାଖଲ ସମୟରେ ଶୋଭାଯାତ୍ରାକୁ ସୀମିତ ରଖିବା ଏବଂ ଶବ୍ଦ ପ୍ରଦୂଷଣକୁ ମଧ୍ୟ ନିୟନ୍ତ୍ରଣ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଭୋଟର୍ ସଚେତନତା ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା ।

*Malkangiri/R*

# ଯବାନ - ଫ୍ଲାଗ୍‌ମାର୍ଚ୍ଚ

ମାଲକାନଗିରି ସହରରେ ଗତକାଲି ସଶସ୍ତ୍ର ବାହିନୀ ଏବଂ ପୁଲିସ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । ଯବାନମାନେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ବାହାରି ମାଲକାନଗିରି ମହାବିଦ୍ୟାଳୟ ଛକ, ଡି.ଏନ୍.କେ. ଛକ ଏବଂ କୁମୁଟିଗୁଡ଼ା ଦେଇ ପ୍ରତ୍ୟାବର୍ତ୍ତନ କରିଥିଲେ । ନିର୍ବାଚନକୁ ଅବାଧ, ସ୍ୱଚ୍ଛ, ନିରପେକ୍ଷ ଏବଂ ଭୟମୁକ୍ତ କରିବା ଲକ୍ଷ୍ୟରେ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି ।

*GNR*

# ଇ.ପି.ଏଫ୍.ଓ. ପଞ୍ଜୀକରଣ

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନରେ ଗତ ଫେବୃୟାରୀ ମାସରେ ୧୫ ଲକ୍ଷ ୪୮ ହଜାର ସଦସ୍ୟ ପଞ୍ଜିକୃତ ହୋଇଛନ୍ତି । ଗତକାଲି ଇ.ପି.ଏଫ୍.ଓ. ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ସଦସ୍ୟଙ୍କ

ମଧ୍ୟରେ ୭ ଲକ୍ଷ ୭୮ ହଜାର ନୂତନ ସଦସ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରେ ସର୍ବାଧିକ ୧୮ରୁ ୨୫ ବର୍ଷ ବୟସ୍କ ନୂତନ ସଦସ୍ୟ ରହିଛନ୍ତି ।

***Desk***

## ବଉଳା କୁମ୍ଭୀର

ବଉଳା କୁମ୍ଭୀରମାନଙ୍କର ପ୍ରଜନନ ପାଇଁ ଆସନ୍ତା ମଇ ମାସ ୧ ତାରିଖରୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିବ । ଭିତରକନିକା ସହିତ ଯୋଡ଼ି ହୋଇଥିବା ନଦୀ ଓ ନାଳଗୁଡ଼ିକରେ କୁମ୍ଭୀରମାନେ ବସାବାନ୍ଧି ଅଣ୍ଡା ଦେବେ । ଏହି ସମୟରେ ମାଈ କୁମ୍ଭୀରମାନେ ଅଧିକ ହିଂସ୍ର ହୋଇଥା'ନ୍ତି । ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ କୁମ୍ଭୀରମାନଙ୍କ ଅଣ୍ଡାଦାନ ପ୍ରକ୍ରିୟାକୁ ସୁରକ୍ଷିତ ରଖିବାପାଇଁ ଭିତରକନିକା ଜାତୀୟ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ।

***Met. O.***

## ତାପମାତ୍ରା

ରାଜ୍ୟରେ ଗତକାଲି ପ୍ରବଳ ଗରମ ଅନୁଭୂତ ହୋଇଥିଲା । ବୌଦ୍ଧ ଏବଂ ବାରିପଦା ସହରରେ ସର୍ବାଧିକ ଦିନ ତାପମାତ୍ରା ୪୫ ଦଶମିକ ୨ ଡିଗ୍ରୀ ସେଲ୍‌ସିୟସ୍ ଥିଲା । ଏହାବ୍ୟତୀତ ଅନ୍ୟ ୧୩ଟି ସହରର ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଥିଲା ।

ଆଜି ମଧ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ଏଥିସହ ଆଜି ଗ୍ରୀଷ୍ମପ୍ରକୋପକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ, କେନ୍ଦ୍ରଝର ଏବଂ ଅନୁଗୁଳ ଜିଲ୍ଲାପାଇଁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

*****